# NATIONAL NEWS BULLETIN (ODIA)
## 7 February - 2026
## Evening Bulletin : 7.15 p.m.

**************************************

## ମୁଖ୍ୟ ସମ୍ବାଦ

- ମାଲେସିଆରେ ପ୍ରଧାନମନ୍ତ୍ରୀଙ୍କୁ ଭବ୍ୟ ସମ୍ବର୍ଦ୍ଧନା

– ସମୃଦ୍ଧ ମାଲେସିଆ ଏବଂ ବିକଶିତ ଭାରତ ଗଠନ ଦିଗରେ ପ୍ରବାସୀ ଭାରତୀୟଙ୍କ ଅବଦାନକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

- ଭାରତ–ଆମେରିକା ମଧ୍ୟରେ ୪୫ ଲକ୍ଷ କୋଟି ଟଙ୍କାର ଦ୍ୱିପାକ୍ଷିକ ବାଣିଜ୍ୟିକ କାରବାର ପାଇଁ ସରକାରଙ୍କ ଲକ୍ଷ୍ୟ

- ଜାମ୍ମୁ-କାଶ୍ମୀରରେ ପୁଞ୍ଜିନିବେଶ ଓ ଭିତ୍ତିଭୂମିର ଉନ୍ନତି ପାଇଁ ସରକାର ଦେଉଛନ୍ତି ପ୍ରାଥମିକତା

- ଛତିଶଗଡ଼ରେ ଆତ୍ମସମର୍ପଣ କଲେ ୫୧ ଜଣ ମାଓବାଦୀ

ଏବଂ

- ଭାରତ ଓ ଆମେରିକା ମଧ୍ୟରେ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତାର ତୃତୀୟ ମ୍ୟାଚ୍ ଜାରି

## ପିଏମ୍ କମ୍ୟୁନିଟି ପ୍ରୋଗ୍ରାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିନିଆ ସରକାରୀ ଗସ୍ତରେ ଆଜି ମାଲେସିଆରେ ପହଁଞ୍ଚିବା ପରେ ତାଙ୍କୁ ସେଠାରେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । କୁଆଲାଲମ୍ପୁରଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରି ଶ୍ରୀ ମୋଦୀ' ଭାରତ ଏବଂ ମାଲେସିଆ ମଧ୍ୟରେ ପାରସ୍ପରିକ ଲୋକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଭାରତୀୟ ସମୁଦାୟ ଦୁଇ ଦେଶ ମଧ୍ୟରେ ସେତୁଭାବେ କାର୍ଯ୍ୟ କରୁଥିବା ସେ କହିଛନ୍ତି । ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ୍ଙ୍କ ସହିତ ତାଙ୍କର ଦୀର୍ଘ ଦିନର ରହିଥିବା ବନ୍ଧୁତ୍ୱକୁ ସ୍ମରଣ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଭାରତ ଏବଂ ମାଲେସିଆ ମଧ୍ୟରେ ୨୦୨୪ ମସିହାରେ ଏକ ବ୍ୟାପକ ରଣନୈତିକ ଭାଗିଦାରିତା ସମ୍ପର୍କ ସୃଷ୍ଟି ହୋଇଥିଲା । ଉଭୟ ପରସ୍ପରର ସଫଳତା ଦିଗରେ କାର୍ଯ୍ୟ କରୁଥିବା ସେ କହିଛନ୍ତି । ଶ୍ରୀ ମୋଦୀ କହିଛନ୍ତି, ମାଲେସିଆରେ ୧୦୦ରୁ ଅଧିକ ଭାରତୀୟ ଆଇ.ଟି କମ୍ପାନୀମାନେ କାର୍ଯ୍ୟ କରୁଛନ୍ତି, ଏହା ଫଳରେ ହଜାର ହଜାର ନିଯୁକ୍ତି ସୃଷ୍ଟି ହୋଇଛି । ସେ ଘୋଷଣା କରିଥିଲେ, ମାଲେସିଆରେ ଭାରତର

ଡିଜିଟାଲ ପେମେଣ୍ଟ ପ୍ଲାଟଫର୍ମ ୟୁପିଆଇ ବ୍ୟବସ୍ଥା ଖୁବ୍‌ଶୀଘ୍ର ଆରମ୍ଭ ହେବ ।

ପ୍ରବାସୀ-କେନ୍ଦ୍ରିତ ପ୍ରମୁଖ ପଦକ୍ଷେପ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି, ଓଭରସିଜ୍ ସିଟିଜେନ୍ ଅଫ୍ ଇଣ୍ଡିଆ–ଓସିଆଇ କାର୍ଡ ସୁବିଧା ଷଷ୍ଠ ପିଢ଼ି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ସେହିପରି ଭାରତରେ ଅଧ୍ୟୟନ କରୁଥିବା ଛାତ୍ରମାନଙ୍କ ପାଇଁ ଥିରୁଭଲ୍ଲୁଭର ଛାତ୍ରବୃତ୍ତି ଆରମ୍ଭ କରାଯିବ ଏବଂ ମାଲେସିଆରେ ଏକ ନୂତନ ଭାରତୀୟ ବାଣିଜ୍ୟ ଦୂତାବାସ ଖୋଲାଯିବ ବୋଲି ସେ କହିଛନ୍ତି । ସମୃଦ୍ଧ ମାଲେସିଆ ଏବଂ ଏକ ବିକଶିତ ଭାରତର ଗଠନ ଦିଗରେ ପ୍ରବାସୀ ଭାରତୀୟଙ୍କର ଅବଦାନକୁ ଶ୍ରୀ ମୋଦୀ ପ୍ରଶଂସା କରିଛନ୍ତି । ଏହି ଗସ୍ତ କାଳରେ ଉଭୟ ପକ୍ଷ ଦ୍ୱିପାକ୍ଷିକ ସମ୍ପର୍କର ସମୀକ୍ଷା କରିବେ ଏବଂ ବ୍ୟାପକ ରଣନୈତିକ ଭାଗିଦାରୀକୁ ଉନ୍ନୀତ କରିବା ପରେ ନିଆଯାଇଥିବା ନିଷ୍ପତ୍ତିଗୁଡିକର କାର୍ଯ୍ୟକାରିତାର ମୂଲ୍ୟାଙ୍କନ ଉପରେ ଧ୍ୟାନ ଦିଆଯିବ । ମାଲେସିଆ ମଧ୍ୟ ଏହାର ଆକ୍ଟ ଇଷ୍ଟ ନୀତି ଅଧୀନରେ ଭାରତର ଏକ ପ୍ରମୁଖ ଅଂଶୀଦାର, ଯାହା ଏହି ଗସ୍ତକୁ ଏକ ରଣନୈତିକ ଗୁରୁତ୍ୱ ପ୍ରଦାନ କରିଛି ।

## ଗୋଏଲ-ଇଣ୍ଡିଆ ୟୁଏସ୍ ପିସି

କେନ୍ଦ୍ର ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ଭାରତ-ଆମେରିକା ମଧ୍ୟବର୍ତ୍ତୀକାଳୀନ ବାଣିଜ୍ୟ ଚୁକ୍ତିନାମା ଅନୁଯାୟୀ

ଭାରତୀୟ ସାମଗ୍ରୀ ରପ୍ତାନୀ କ୍ଷେତ୍ରରେ ୫୦ ପ୍ରତିଶତ ପାରସ୍ପରିକ ଶୁଳ୍କକୁ ବର୍ତ୍ତମାନ ୧୮ ପ୍ରତିଶତକୁ ହ୍ରାସ କରାଯାଇଛି। ନୂଆଦିଲ୍ଲୀରେ ଆଜି ଅପରାହ୍ନରେ ଏକ ମିଳିତ ବିବୃତିରେ ଶ୍ରୀ ଗୋଏଲ କହିଛନ୍ତି, ଚୀନ୍, ପାକିସ୍ତାନ, ବାଂଲାଦେଶ ଏବଂ ଭିଏତନାମ ସମେତ ଏହାର ପଡ଼ୋଶୀ ଦେଶଗୁଡ଼ିକ ତୁଳନାରେ ଭାରତର ଶୁଳ୍କ କମ୍ ରହିଛି।

**V/O**

ସେ କହିଛନ୍ତି, ଏହି ବୁଝାମଣା ଫଳରେ ଦେଶର କୃଷି ଏବଂ ଦୁଗ୍ଧ କ୍ଷେତ୍ରକୁ ସୁରକ୍ଷା ପ୍ରଦାନ କରାଯାଇପାରିବ ଏବଂ ମସଲା, ଚା, କଫି, କାଜୁ, ଚେଷ୍ଟ ନଟ୍, ଆଭୋକାଡୋ, କଦଳୀ, ଆମ୍ବ, କିଓ୍ୱି ଏବଂ ଆଳୁ ଭଳି କୃଷି ଉତ୍ପାଦ ଉପରେ ଆମେରିକାରେ ଶୂନ୍ୟ ଶୁଳ୍କ ଲାଗୁ ହେବ। ମନ୍ତ୍ରୀ ଶ୍ରୀ ଗୋଏଲ କହିଛନ୍ତି, ଦେଶର ସମସ୍ତ କ୍ଷେତ୍ରରେ ଏହି ବାଣିଜ୍ୟ ଚୁକ୍ତିକୁ ସ୍ୱାଗତ କରାଯାଇଛି।

ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ କହିଛନ୍ତି, ଆଗାମୀ ଦିନରେ ଭାରତ-ଆମେରିକା ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୪୫ ଲକ୍ଷ କୋଟି ଟଙ୍କା ପର୍ଯ୍ୟନ୍ତ ନେବାର ସରକାରଙ୍କ ଲକ୍ଷ୍ୟ ରହିଛି। ବାଣିଜ୍ୟ ରାଜିନାମା ପରେ ନିବେଶକମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି ହୋଇଛି ଏବଂ ସେମାନେ ଏହାର ଲାଭ ଉଠାଇବା ଉଚିତ ବୋଲି ଶ୍ରୀ ଗୋଏଲ କହିଛନ୍ତି। ସେ

କହିଛନ୍ତି, ଏହି ରାଜିନାମା ଦ୍ୱାରା ଏମ.ଏସ.ଏମ.ଇ, କାରିଗର, ବୁଣାକାର ଏବଂ ରପ୍ତାନୀ ଭିତ୍ତିକ୍ଷେତ୍ରରେ ନିୟୋଜିତ ଯୁବକମାନେ ଉପକୃତ ହେବେ।

ଏହି ଚୁକ୍ତିକୁ ନ୍ୟାୟସଙ୍ଗତ ଏବଂ ସନ୍ତୁଳିତ ବୋଲି ବର୍ଣ୍ଣନା କରି ଶ୍ରୀ ଗୋଏଲ କହିଛନ୍ତି' ମକା, ଗହମ, ଚାଉଳ, ଚିନି, ସୋୟାବିନ୍ ଏବଂ କୁକୁଡ଼ା ସମେତ ଭାରତରେ ପର୍ଯ୍ୟାପ୍ତ ପରିମାଣର ଉତ୍ପାଦିତ କୃଷି ଏବଂ ଦୁଗ୍ଧଜାତ ଦ୍ରବ୍ୟକୁ ଶୁଳ୍କ ରିହାତି ବାହାରେ ରଖାଯାଇଛି, ଯାହା କୃଷକଙ୍କ ସ୍ୱାର୍ଥର ସମ୍ପୂର୍ଣ୍ଣ ସୁରକ୍ଷା ସୁନିଶ୍ଚିତ କରୁଛି। ୨୦୪୭ ବିକଶିତ ଭାରତ ଯାତ୍ରାକୁ ତ୍ୱରାନ୍ୱିତ କରିବା ଦିଗରେ ଏହି ବୁଝାମଣା ସହାୟକ ହେବ ବୋଲି ଶ୍ରୀ ଗୋଏଲ କହିଛନ୍ତି।

## ଅମିତ ଶାହା- ଜେକେ ମିଟିଂ

ଜାମ୍ମୁ କାଶ୍ମୀରରେ ଆଜି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ଅଧ୍ୟକ୍ଷତାରେ ବିକାଶମୂଳକ ପ୍ରକଳ୍ପ ଅଗ୍ରଗତିର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ଶାସିତ ଅଞ୍ଚଳରେ ପ୍ରମୁଖ ଭିତ୍ତିଭୂମି କାର୍ଯ୍ୟ ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ଉପରେ ଧ୍ୟାନ କେନ୍ଦ୍ରିତ କରାଯାଇଛି। ଆକାଶବାଣୀ ଜାମ୍ମୁ ସମ୍ବାଦଦାତା ଦେଇଥିବା ସୂଚନା ଅନୁଯାୟୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ପ୍ରକଳ୍ପ-ୱାଇଜ୍ କାର୍ଯ୍ୟକାରିତାର ସମୀକ୍ଷା କରିଥିଲେ ଏବଂ ବିକାଶ କାର୍ଯ୍ୟକୁ ଠିକ୍ ସମୟରେ ଶେଷ କରିବା ପାଇଁ ନିର୍ଦ୍ଦେଶ ଜାରି କରିଥିଲେ। ସେ କହିଥିଲେ  ଗତ ଦଶନ୍ଧି ମଧ୍ୟରେ ଜାମ୍ମୁ-

କାଶ୍ମୀରରେ ହୋଇଥିବା ପୁଞ୍ଜି ନିବେଶ, ଶିଳ୍ପ, କ୍ରୀଡ଼ା ଏବଂ ଭିତ୍ତିଭୂମିରେ ଅଭୂତପୂର୍ବ ଅଭିବୃଦ୍ଧିକୁ ଆହୁରି ତ୍ୱରାନ୍ୱିତ କରିବା ଏବଂ ଜାମ୍ମୁ-କାଶ୍ମୀରକୁ ଅଧିକ ବିକଶିତ କରିବା ଆମର ପ୍ରାଥମିକତା।

## ଛତିଶଗଡ଼-ସରେଣ୍ଡର

ଛତିଶଗଡ଼ର ବସ୍ତର ଡିଭିଜନର ବିଜାପୁର ଏବଂ ସୁକୁମା ଜିଲ୍ଲାରେ ଆଜି ମୋଟ ୫୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀଙ୍କ ଉପରେ ୧ କୋଟି ୬୧ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ବିଜାପୁର ଜିଲ୍ଲାରେ ୩୦ ଜଣ ମାଓବାଦୀ ହିଂସାର ପଥ ପରିତ୍ୟାଗ କରି ସମାଜର ମୁଖ୍ୟଧାରାକୁ ଫେରିବାକୁ ନିଷ୍ପତ୍ତି ନେଇଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ମଧ୍ୟରେ ୨୦ ଜଣ ମହିଳା ମାଓବାଦୀ ଅଛନ୍ତି। ସେମାନଙ୍କ ଉପରେ ୮୫ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ସେମାନେ ପୋଲିସ ଏବଂ ସି.ଆର୍.ପି.ଏଫ୍.ର ବରିଷ୍ଠ ଅଧିକାରୀଙ୍କ ସମ୍ମୁଖରେ ଆତ୍ମସମର୍ପଣ କରିଥିଲେ।

ସୁକମା ଜିଲ୍ଲାରେ ଆଜି ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କ ଉପରେ ୭୬ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ମାଓବାଦୀମାନେ ଅସ୍ତ୍ରଶସ୍ତ୍ର ସହ ପୁଲିସ ଏବଂ

ସି.ଆର୍.ପି.ଏଫ୍. ବରିଷ୍ଠ ଅଧିକାରୀଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ।

# ୟୁପିଏସ୍‌ସି- କଲ୍ ସେଣ୍ଟର ସପୋର୍ଟ

କେନ୍ଦ୍ରୀୟ ଲୋକସେବା ଆୟୋଗ– ୟୁ.ପି.ଏସ୍.ସି ପକ୍ଷରୁ ପ୍ରଶାସନିକ ସେବା ଆଶାୟୀ ପ୍ରାର୍ଥୀଙ୍କ ପାଇଁ କଲ୍ ସେଣ୍ଟରର କାର୍ଯ୍ୟ ଅବଧିକୁ ବର୍ଦ୍ଧିତ କରାଯାଇଛି । ଏହାଦ୍ୱାରା ଆଶାୟୀ ପ୍ରାର୍ଥୀ ଉପକୃତ ହେବେ ବୋଲି ୟୁ.ପି.ଏସ୍.ସି. ପକ୍ଷରୁ କୁହାଯାଇଛି । ପ୍ରଶାସନିକ ସେବା ପରୀକ୍ଷା ନିମନ୍ତେ ଦରଖାସ୍ତ ଦାଖଲ ପର୍ଯ୍ୟନ୍ତ ଶନିବାର, ରବିବାର ଏବଂ ଛୁଟିଦିନ ସମେତ ସମସ୍ତ ଦିନମାନଙ୍କରେ ଏହି କଲ୍‌ସେଣ୍ଟର କାର୍ଯ୍ୟ କରିବ । ସକାଳ ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ଦୁଇଟି ପର୍ଯ୍ୟାୟରେ କର୍ମଚାରୀମାନେ କାମ କରିବେ । ପ୍ରଶାସନିକ ସେବା ଆଶାୟୀ ପ୍ରାର୍ଥୀମାନଙ୍କୁ ସହଜ, ସୁବିଧା ଏବଂ ସମୟୋପଯୋଗୀ ସହାୟତା ପ୍ରଦାନ ଲକ୍ଷ୍ୟରେ ଏହି କଲ୍ ସେଣ୍ଟରଗୁଡ଼ିକର କାର୍ଯ୍ୟର ସମୟକୁ ପରିବର୍ତ୍ତିତ କରାଯାଇଛି ବୋଲି ୟୁ.ପି.ଏସ୍.ସି.ର ଅଧ୍ୟକ୍ଷ ଡକ୍ଟର ଅଜୟ କୁମାର କହିଛନ୍ତି ।

# କ୍ରିକେଟ

ମୁମ୍ବାଇର ୱାଙ୍ଖେଡ଼େ ଷ୍ଟାଡିୟମ୍‌ଠାରେ ଭାରତ ଓ ଆମେରିକା ମଧ୍ୟରେ ଆଇସିସି ପୁରୁଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ୨୦୨୬ ପ୍ରତିଯୋଗିତାର

ତୃତୀୟ ମ୍ୟାଚ୍ ଖେଳ ଜାରି ରହିଛି ।  ଆମେରିକା ଟସ୍ ଜିତି ପ୍ରଥମେ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି । ସମ୍ବାଦ ପ୍ରସ୍ତୁତ ହେବା ବେଳକୁ ଭାରତ ବ୍ୟାଟିଂ କରି ୨ ଓଭରରେ  ୧ ୱିକେଟ୍ ହରାଇ ୯ ରନ୍ ସଂଗ୍ରହ କରିଛି । କଲୋମ୍ବର ସିଂହାଳିସ୍ ସ୍ପୋର୍ଟସ କ୍ଲବଠାରେ ଆୟୋଜିତ ଉଦ୍‌ଘାଟନୀ ମ୍ୟାଚ୍‌ରେ ପାକିସ୍ତାନ' ନେଦରଲଣ୍ଡ୍‌ସକୁ ୩ ୱିକେଟ୍‌ରେ ପରାସ୍ତ କରିଛି ।

କୋଲକାତାର ଇଡେନ ଗାର୍ଡେନଠାରେ ଆଜି ଖେଳାଯାଉଥିବା ଦ୍ୱିତୀୟ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ' ସ୍କଟଲାଣ୍ଡକୁ ୩୫ ରନ୍‌ରେ ପରାସ୍ତ କରି ବିଜୟୀ ହୋଇଛି । ୱେଷ୍ଟଇଣ୍ଡିଜ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୫ ୱିକେଟ୍ ହରାଇ ୧୮୨ ରନ୍ ସଂଗ୍ରହ କରିଥିବା ବେଳେ ଏହାର ଜବାବରେ ସ୍କଟଲାଣ୍ଡ ୧୮ ଓଭର ୫ଟି ବଲ୍ ଖେଳି ସମସ୍ତ ୱିକେଟ୍ ହରାଇ ମାତ୍ର ୧୪୭ ରନ୍ ସଂଗ୍ରହ କରିବାକୁ ସମର୍ଥନ ହୋଇଥିଲା ।